بسم الله الرحمن الرحیم

**ଖୁତବା ଜୁମା ୧୭ ଜୁଲାଇ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## *ଆଁହଜରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜରତ୍ ସାଆଦ୍ ବିନ୍ ମୁଆଜ୍ ର.ଅ ଓ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଗତ ଖୁତ୍‌ବାରେ ମୁଁ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କର ଚର୍ଚ୍ଚା କରିଥିଲି। ଅହଜ଼ାବ୍ ଯୁଦ୍ଧରେ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ଏଭଳି ଗଭୀର ଆଘାତ ଲାଗିଥିଲା, ଯାହା ଫଳରେ କି ସେ ସେହି ଆଘାତରୁ ଆଉ ସୁସ୍ଥ ହୋଇପାରି ନଥିଲେ । ରସୁଲୁଲ୍ଲାଃ ସ.ଅ ମସ୍‌ଜିଦ୍‌ରେ ତାଙ୍କ ପାଇଁ ଏକ ଅସ୍ଥାୟୀ ଶିବିର ଲଗାଇଥିଲେ ଯଦ୍ୱାରା ହୁଜୁର୍ ତାଙ୍କର ଦେଖାଶୁଣା କରିପାରିବେ । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ସଆଦ୍ ବିନ୍ ମୁଆଜ୍ ର.ଅଙ୍କ କ୍ଷତ ଯେତେବେଳେ ଶୁଖି ଉପଶମ ହେବାକୁ ଲାଗିଲା ସେତେବେଳେ ସେ ଦୁଆ କଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ଜାଣ ଯେ, ମୋ ପକ୍ଷରେ ତୁମ ମାର୍ଗରେ ଏହି ଜାତି ସହିତ ଜିହାଦ୍ କରିବା ବ୍ୟତୀତ୍ ଅନ୍ୟ କୌଣସି ବସ୍ତୁ ପ୍ରିୟତମ ନଥିଲା ଯିଏ ତୁମ୍ଭର ରସୁଲଙ୍କୁ ପ୍ରତାରିତ କରି ତାଙ୍କୁ ନିଜ ଜନ୍ମଭୂମିରୁ ନିର୍ବାସିତ କରି ଦେଇଥିଲା । ହେ ଅଲ୍ଲାଃ ! ମୁଁ ଏହା ମନେ କରୁଛି ଯେ, ତୁମ୍ଭେ ଆମ ଓ ସେମାନଙ୍କ ମଧ୍ୟରେ ଯୁଦ୍ଧର ଅବସାନ ଘଟାଇ ଦେଇଛ । ଯଦି କୁରୈଶ୍‌ଙ୍କ ସହିତ କୌଣସି ଯୁଦ୍ଧ ଲଢିବା ବାକି ରହିଛି ତେବେ ମୋତେ ସେମାନଙ୍କ ସହିତ ଯୁଦ୍ଧ ଲଢିବା ପାଇଁ ଜୀବିତ ରଖ । ମୁଁ ଯେପରି ସେମାନଙ୍କ ସହିତ ତୁମ ମାର୍ଗରେ ଜିହାଦ୍ କରି ପାରିବି ଏବଂ ଯଦି ତୁମ୍ଭେ ଆମ ଓ ସେମାନଙ୍କ ମଧ୍ୟରେ ଯୁଦ୍ଧର ଅବସାନ ଘଟାଇ ଦେଇଛ, ଯାହାକି ମୋର ଚିନ୍ତାଧାରା ରହିଛି ତେବେ ମୋର ଧମନୀକୁ ଉନ୍ମୁକ୍ତ କରିଦିଅ ଏବଂ ଏହି କ୍ଷତକୁ ହିଁ ମୋର ଶାହାଦତ୍‌ର ମାଧ୍ୟମ କରିଦିଅ । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି  ଯେ, ସେହି ରାତିରେ ହିଁ ତାଙ୍କର କ୍ଷତଟି ଫାଟି ଯାଇଥିଲା ଏବଂ ସେଥିରୁ ରକ୍ତ କ୍ଷରିତ ହେବାକୁ ଲାଗିଥିଲା । ନବୀ କରୀମ୍ ସ.ଅ ଯେତେବେଳେ ଏ ସଂପର୍କରେ ଜାଣିବାକୁ ପାଇଲେ ସେତେବେଳେ ସେ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ନିକଟକୁ ଆସିଲେ ଏବଂ ତାଙ୍କ ମୁଣ୍ଡକୁ ନିଜ କୋଳରେ ରଖିଲେ ଏବଂ ତାଙ୍କୁ ଧବଳ ଚଦର ଘୋଡ଼ାଇ ଦିଆଯାଇଥିଲା । ପୁନଶ୍ଚ ରସୁଲ୍ କରୀମ୍ ସ.ଅ ପ୍ରାର୍ଥନା କଲେ ଯେ, ହେ ପ୍ରଭୁ ! ସାଆଦ୍ ର.ଅ ତୁମ୍ଭ ମାର୍ଗରେ ଜିହାଦ୍ (ଧର୍ମଯୁଦ୍ଧ) କଲେ ଏବଂ ତୁମ୍ଭ ରସୁଲଙ୍କୁ ସମର୍ଥନ କଲେ ଏବଂ ତାଙ୍କ ଅଧୀନ ଯେଉଁସବୁ ଦାୟିତ୍ୱ ନ୍ୟସ୍ତ ଥିଲା ତାହାକୁ ସେ ନିର୍ବାହ କଲେ । ତେଣୁ ତୁମ୍ଭେ ତାଙ୍କ ଆତ୍ମାକୁ ପୁଣ୍ୟାତ୍ମକ ରୂପେ ଗ୍ରହଣ କର, ଯେପରି ତୁମ୍ଭେ ଅନ୍ୟ ଆତ୍ମାଗୁଡ଼ିକୁ ଗ୍ରହଣ କରିଥାଅ । ବର୍ତ୍ତମାନ ସୁଦ୍ଧା ହଜ଼ରତ୍ ସାଆଦ୍ ର.ଅଙ୍କ ମଧ୍ୟରେ କିଛି ଜୀବନ ବାକି ରହିଥିଲା, ତେଣୁ ଯେତେବେଳେ ହଜ଼ରତ୍ ସାଆଦ୍ ର.ଅ ଆଁହଜ଼ରତ୍ ସ.ଅଙ୍କର ଉକ୍ତ ବାର୍ତ୍ତାକୁ ଶୁଣିଲେ ସେତେବେଳେ ସେ ନିଜର ଚକ୍ଷୁ

ହୃଦୟକୁ ଖୋଲି କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ମୁଁ ସାକ୍ଷ୍ୟ ଦେଉଅଛି ଯେ, ଆପଣ ଅଲ୍ଲାଃତାଲାଙ୍କ ରସୁଲ (ବାର୍ତ୍ତାବହକ) ଅଟନ୍ତି ।

ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ଆଁହଜ଼ରତ୍ ସ.ଅଙ୍କୁ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ବିୟୋଗ ଯୋଗୁଁ ସକ୍ତ ଆଘାତ ଲାଗିଥିଲା ଏବଂ ପ୍ରକୃତ ପକ୍ଷରେ କହିବାକୁ ଗଲେ ସେତେବେଳର ପରିସ୍ଥିତି ଅନୁଯାୟୀ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ବିୟୋଗ ମୁସଲମାନମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ଥିଲା । ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ଅନ୍‌ସାର୍ ସଂପ୍ରଦାୟରେ ସେହିଭଳି ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ଯେଉଁଭଳି ମର୍ଯ୍ୟାଦା ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କୁ ପ୍ରବାସକାରୀଙ୍କ ମଧ୍ୟରେ ପ୍ରାୟ ରହିଥିଲା । ଅର୍ଥାତ୍ ହଜ଼ରତ୍ ଅବୁ ବକ୍କର ର.ଅ ଯେଉଁଭଳି ନିଷ୍ଠା, ତ୍ୟାଗ, ଇସ୍‌ଲାମ୍‌ର ସେବା, ରସୁଲ ସ.ଅଙ୍କ ପ୍ରତି ପ୍ରେମରେ ଉଚ୍ଚତର ମର୍ଯ୍ୟାଦା ଲାଭ କରିଥିଲେ ସେହିଭଳି ମର୍ଯ୍ୟାଦା ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ମଧ୍ୟ ଅନ୍‌ସାର୍‌ଙ୍କ ନିକଟରେ ରହିଥିଲା ଏବଂ ତାଙ୍କର ଆଚାର ବ୍ୟବହାର ଓ ଚାଲିଚଳନରୁ ଏହା ସ୍ପଷ୍ଟ ହେଉଥିଲା ଯେ, ଇସ୍‌ଲାମ୍ ଓ ଇସ୍‌ଲାମ୍ ଧର୍ମର ସଂସ୍ଥାପକଙ୍କ ପ୍ରତି ପ୍ରେମ ଓ ଆନ୍ତରିକତା ତାଙ୍କ ଆତ୍ମାର ଆହାର ଅଟେ ଏବଂ ଏହି କାରଣରୁ ସେ ନିଜ ସଂପ୍ରଦାୟର ଅଧିପତି ଥିଲେ । ତାଙ୍କର ଆଦର୍ଶ ଅନ୍‌ସାର୍‌ଙ୍କ ନିକଟରେ ଏକ ଗଭୀର ଚାରିତ୍ରିକ ପ୍ରଭାବ ପକାଇ ପାରିଥିଲା । ଏଭଳି ଜଣେ ଯୋଗ୍ୟ ଆଧାତ୍ମିକ ବୀର ପୁତ୍ରର ବିୟୋଗରେ ଆଁହଜ଼ରତ୍ ସ.ଅଙ୍କ ମର୍ମାହତ ହେବା ସ୍ୱଭାବିକ ଥିଲା । କିନ୍ତୁ ଆଁହଜ଼ରତ୍ ସ.ଅ ଅତ୍ୟନ୍ତ ଧୈର୍ଯ୍ୟ ପ୍ରଦର୍ଶନ କରିଥିଲେ ଏବଂ ଅଲ୍ଲାଃତାଲାଙ୍କ ଇଚ୍ଛା ଆଗରେ ନତମସ୍ତକ ରହିଥିଲେ ।

ଯେତେବେଳେ ସାଆଦ୍ ର.ଅଙ୍କ ଯନାଜ଼ାଃ (ଅର୍ଥି) ଉଠିଲା ସେତେବେଳେ ସାଆଦ୍ ର.ଅଙ୍କ ବୃଦ୍ଧା ମାତାଶ୍ରୀ ସାଆଦ୍ ର.ଅଙ୍କ ସହିତ ମମତାମୟୀ ପ୍ରେମ ଯୋଗୁଁ  ଉଚ୍ଚ ସ୍ୱରରେ ବିଳାପ କଲେ ଏବଂ ସେହି ବିଳାପରେ ସେତେବେଳର ପ୍ରଥାନୁଯାୟୀ ସାଆଦ୍ ର.ଅଙ୍କ ଗୁଣ ଗାରିମା ବଖାଣି ଥିଲେ । ଆଁହଜ଼ରତ୍ ସ.ଅ କହିଲେ ସାଧାରଣତଃ ମହିଳାମାନେ ନିଜ ସମ୍ପର୍କୀୟର ଶୋକ ସମାରୋହରେ ବିଳାପ କରି ଅତିଶୟ ମିଥ୍ୟା ବଚନ କହିଥାନ୍ତି । କିନ୍ତୁ ବର୍ତ୍ତମାନ ହଜ଼ରତ୍ ସାଆଦ୍ ର.ଅଙ୍କ ମାତା ଯାହା ବି କହିଥିଲେ ତାହା ସତ୍ୟ କହିଲେ । ଏହାପରେ ଆଁହଜ଼ରତ୍ ସ.ଅ ନମାଜ୍ ଯନାଜ଼ାଃ ପଢେଇଥିଲେ ଏବଂ କବର ଦେବା ପାଇଁ ସ୍ୱୟଂ ହାଜର ହୋଇଥିଲେ ଏବଂ କବର ଦେବା ପର୍ଯ୍ୟନ୍ତ ସେହିଠାରେ ହିଁ ଅଟକି ରହିଥିଲେ ଏବଂ ପରିଶେଷରେ ସେଠାରୁ ଦୁଆ କରି ଫେରିଥିଲେ । ସମ୍ଭବତଃ ସେହି ସମୟରେ କିମ୍ବା ଅନ୍ୟ କୌଣସି ଅବସରରେ କହିଲେ ଯେ, ସାଆଦ୍ ର.ଅଙ୍କ ବିୟୋଗରେ ଅଲ୍ଲାଃତାଲାଙ୍କ ପ୍ରାସାଦ ଆନ୍ଦୋଳିତ ହେବାକୁ ଲାଗିଯାଇଥିଲା । ଅର୍ଥାତ୍ ପରକାଳରେ ଅଲ୍ଲାଃତାଲାଙ୍କର ଦୟା ପ୍ରସନ୍ନତାର ସହିତ ସାଆଦ୍ ର.ଅଙ୍କ ଆତ୍ମାକୁ ସ୍ୱାଗତ ଜଣାଇଥିଲା।

ହଜ଼ରତ୍ ସାଆଦ୍ ର.ଅ ଜଣେ ବଳିଷ୍ଠ ଓ ସ୍ଥୂଳ ଶରୀର ବିଶିଷ୍ଟ ବ୍ୟକ୍ତି ଥିଲେ । ଯେତେବେଳେ ତାଙ୍କର ଯନାଜ଼ାଃ (ଅର୍ଥି) ଉଠିଲା ସେତେବେଳେ ମୁନାଫିକିନ୍ (କପଟ ବିଶ୍ୱାସୀ) କହିଲେ ଯେ, ଆମେ ଏପିର କୌଣସି ବ୍ୟକ୍ତିର ଯନାଜ଼ାଃ ହାଲୁକା ଦେଖି ନାହୁଁ ଯେପରି ହଜ଼ରତ୍ ସାଆଦ୍ ର.ଅଙ୍କର ଥିଲା ।

ମୁନାଫିକିନ୍‌ଙ୍କର ଏପରି କହିବା ପଛରେ ଏହି ତାତ୍ପର୍ଯ୍ୟ ଥିଲା ଯେ, ସାଆଦ୍ ର.ଅ ବନୁ କୁରୈଜ଼ା ସଂପ୍ରଦାୟ ସଂପର୍କରେ ବିପକ୍ଷରେ ନିଷ୍ପତ୍ତି ଦେବା ଯୋଗୁଁ ହୋଇଥିଲା । ଅର୍ଥାତ୍ ନକାରାତ୍ମକ ଶୈଳୀରେ ଦେବାକୁ ଚାହୁଁଥିଲେ । ଯେତେବେଳେ ଆଁହଜ଼ରତ୍ ସ.ଅ ଉକ୍ତ କଥା ସଂପର୍କରେ ଜାଣିବାକୁ ପାଇଲେ ସେତେବେଳେ କହିଲେ ଯେ, ମୁଁ ସେହି ସର୍ବଶକ୍ତିମାନ ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣବାୟୁ ରହିଛି, ସାଆଦ୍ ର.ଅଙ୍କର ଯନାଜ଼ାଃ ତୁମମାନଙ୍କୁ ଅବଶ୍ୟ ହାଲୁକା ଲାଗିଥିବ, ତାହା ଏଇଥି ଯେ, ସାଆଦ୍ ର.ଅଙ୍କ ଯନାଜ଼ାଃ ଦେବଦୂତମାନ ବହନ କରିଥିଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆଁହଜ଼ରତ୍ ସ.ଅ କହିଲେ ଯେ, ସତୁରି ହଜ଼ାର ଦେବଦୂତମାନେ ସାଆଦ୍ ବିନ୍ ମୁଆଜ଼୍ ର.ଅଙ୍କ ଯନାଜ଼ାଃ ସମୟରେ ଉପସ୍ଥିତ ଥିଲେ, ଯେଉଁମାନେ ଆଜି ପୂର୍ବରୁ କେବେହେଲେ ଭୂପୃଷ୍ଠରେ ଅବତରଣ କରି ନଥିଲେ ।

ହଜ଼ରତ୍ ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲି ଯେଉଁମାନେ ଜନ୍ନତୁଲ୍ ବକ୍ଵି ଠାରେ ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ର.ଅଙ୍କ କବର ଖୋଳି ଥିଲେ । ଆମେମାନେ ଯେତେବେଳେ ଭୂମିର କୌଣସି ଭାଗକୁ ଖୋଲୁଥିଲୁ ସେତେବେଳେ ତହିଁରୁ କସ୍ତୁରି ପରି ସୁଗନ୍ଧ ନିର୍ଗତ ହେଉଥିଲା । ମୃତ୍ୟୁବେଳେ ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ର.ଅଙ୍କୁ ୩୭ ବର୍ଷ ବୟସ ହୋଇଥିଲା । ଯେତେବେଳେ ଆଁହଜ଼ରତ୍ ସ.ଅ ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ର.ଅଙ୍କୁ କବର ଦେଲେ ଏବଂ ତାଙ୍କ ଯନାଜ଼ାଃରୁ ଫେରିଲେ ସେତେବେଳେ ଆଁହଜ଼ରତ୍ ସ.ଅଙ୍କର ଲୁହ ଆପଣଙ୍କ ଦାଢି ପର୍ଯ୍ୟନ୍ତ ବହି ଯାଉଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ର.ଅ ବର୍ଣ୍ଣନା କରନ୍ତି ଯେ, ନିଃସନ୍ଦେହରେ କହିବାକୁ ଗଲେ ମୁଁ ଦୁର୍ବଳ ବ୍ୟକ୍ତି ଅଟେ । କିନ୍ତୁ ମୁଁ ତିନୋଟି କଥାରେ ପୂର୍ଣ୍ଣରୂପେ ଅଟଳ । **ପ୍ରଥମଟି** ହେଉଛି ଆଁହଜ଼ରତ୍ ସ.ଅଙ୍କ ଠାରୁ ମୁଁ ଯାହାକିଛି ବି ଶୁଣିଲି ତାହାକୁ ମୁଁ ନିରାଟ ସତ୍ୟ ବୋଲି ଗ୍ରହଣ କରିନେଲି । **ଦ୍ୱିତୀୟଟି** ହେଉଛି ମୁଁ ନମାଜ଼ ପାଠ କଲାବେଳେ ଯେପର୍ଯ୍ୟନ୍ତ ମୁଁ ନମାଜ଼୍ ସଂପୂର୍ଣ୍ଣ କରିଦେଇ ନାହିଁ ସେପର୍ଯ୍ୟନ୍ତ ମନରେ ଅନ୍ୟ କୌଣସି ବିଷୟର ଭାବନା ଉଙ୍କି ମାରିବାକୁ ଦେଇ ନାହିଁ । **ତୃତୀୟଟି** ହେଉଛି ଯେ, ଏପରି କୌଣସି ଉପସ୍ଥିତ ଯନାଜ଼ାଃ ନାହିଁ ଯେଉଁ ଯନାଜ଼ାଃରେ ମୁଁ ନିଜକୁ ତା' ସ୍ଥାନରେ ମୃତ ବୋଲି ମନେକରୁଥିଲି ଯେ, ପରକାଳରେ ପ୍ରଶ୍ନୋତ୍ତରବେଳେ କ'ଣ କହିବ ଏବଂ (ମୋତେ) ତା'ଙ୍କୁ କ'ଣ ପଚରାଯିବ ।

ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରୁଥିଲେ ଯେ, ଅନ୍‌ସାର୍ ସଂପ୍ରଦାୟରେ ଆଁହଜ଼ରତ୍ ସ.ଅଙ୍କ ପରେ ତିନିଜଣ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାରିକୁ ପ୍ରାଧାନ୍ୟ ଦିଆଯାଉ ନଥିଲା ଏବଂ ସେହି ତିନିଜଣ ବ୍ୟକ୍ତି ଯଥାକ୍ରମେ ହେଲେ;- ***ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ର.ଅ, ହଜ଼ରତ୍ ଉସୈଦ୍ ବିନ୍ ହୁଜ଼ୈର୍ ର.ଅ ଓ ହଜ଼ରତ୍ ଉବ୍‌ବାଦ୍ ବିନ୍ ବଶର୍ ର.ଅ ।***

ହୁଜ଼ୁର୍ ଅନୱର୍ ଅ.ବ କହିଲେ ପରବର୍ତ୍ତୀ ଯେଉଁ ସାହାବୀଙ୍କର ଚର୍ଚ୍ଚା ଅଛି ସେ ହେଉଛନ୍ତି ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ । ସେ ସେହି ଦଶଜଣ ସାହାବାଙ୍କ ମଧ୍ୟରୁ ଜଣେ ଥିଲେ ଯେଉଁମାନଙ୍କୁ ଆଁହଜ଼ରତ୍ ସ.ଅ ସେମାନଙ୍କ ଜୀବିତାବସ୍ଥାରେ ହିଁ ବୈକୁଣ୍ଠର ଅଧିକାରୀ ହେବା ବିଷୟରେ ସୁସମାଚାର ଦେଇଥିଲେ । ସେହି ସାହାବାମାନଙ୍କ ମଧ୍ୟରୁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ସର୍ବଶେଷରେ

ମୃତ୍ୟୁବରଣ କରିଥିଲେ । ହଜ଼ରତ୍ ସାଆଦ୍ ର.ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ସଂପର୍କିତ ଘଟଣା ପ୍ରସଙ୍ଗରେ ତାଙ୍କର ସୁପୁତ୍ରୀ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ସାଆଦ୍ ର.ଅ କହିଲେ ଯେ, ମୁଁ ସ୍ୱପ୍ନରେ ଦେଖିଲି ଯେ, ମୁଁ ଏକ ଅନ୍ଧକାରମୟ ସ୍ଥାନରେ ଅଛି ଏବଂ ମୋତେ କିଛି ଦିଶୁ ନାହିଁ । ହଠାତ୍ ମୁଁ ଦେଖିଲି ଯେ, ଚନ୍ଦ୍ର ଉଦୟ ହେଲା ଏବଂ ମୁଁ ତା' ଆଡ଼କୁ ଅଗ୍ରସର ହେବାକୁ ଲାଗିଲି । ଏହାପରେ ମୁଁ କ'ଣ ଦେଖୁଛି କି ମୋ ପୂର୍ବରୁ ହଜ଼ରତ୍ ଜ଼ୈଦ୍ ବିନ୍ ହାର୍‌ସା, ହଜ଼ରତ୍ ଅଲୀ ର.ଅ ଏବଂ ହଜ଼ରତ୍ ଅବୁ ବକ୍କର୍ ର.ଅ ଚନ୍ଦ୍ର ଆଡ଼କୁ ଚାଲି ଯାଉଛନ୍ତି । ମୁଁ ସେମାନଙ୍କୁ ପ୍ରଶ୍ନ କଲି ଯେ, ଆପଣମାନେ ଏଠାରେ କେବେ ପହଞ୍ଚିଲେ ? ସେମାନେ ଉତ୍ତର ଦେଲେ ଯେ, ଆମେମାନେ ହେଇ ଏହି କ୍ଷଣି ହିଁ ପହଞ୍ଚିଲୁ ପରା । ହଜ଼ରତ୍ ସାଆଦ୍ ର.ଅ କହନ୍ତି ଯେ, ମୋତେ ସୂଚନା ମିଳି ସାରିଥିଲା ଯେ, ରସୁଲ୍ କରୀମ୍ ସ.ଅ ଗୁପ୍ତ ରୂପେ ଲୋକମାନଙ୍କୁ ଇସ୍‌ଲାମ୍ ଆଡ଼କୁ ଡ଼ାକୁଛନ୍ତି । ସୁତରାଂ ମୁଁ ଶୋବେ ଅଜ୍‌ୟାଦ୍ ଠାରେ ଆଁହଜ଼ରତ୍ ସ.ଅଙ୍କୁ ଭେଟିଲି ଏବଂ ମୁସଲମାନ ଧର୍ମରେ ଦୀକ୍ଷିତ ହେଲି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ତବ୍‌ଲିଗ୍ ଯୋଗୁଁ ଏଭଳି ୫ ଜଣ ବ୍ୟକ୍ତି ବିଶ୍ୱାସ ଆଣିଥିଲେ ଯେଁଉମାନେକି ପରବର୍ତ୍ତୀ ସମୟରେ ଇସ୍‌ଲାମ୍ ଧର୍ମର ଗୌରବତା ଓ ପ୍ରତିଷ୍ଠା ଅର୍ଜନ କରିବାରେ ସାହାବାମାନଙ୍କ ମଧ୍ୟରେ ଉଚ୍ଚ ଆସନରେ ଅଧିଷ୍ଠିତ ଥିଲେ । ତନ୍ମଧ୍ୟରୁ ତୃତୀୟ ସାହାବୀ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଥିଲେ । ହଜ଼ରତ୍ ଉମର୍ ର.ଅଙ୍କ ଖିଲାଫତ୍‌ରେ ତାଙ୍କରି ହସ୍ତରେ ଇରାକ୍ ବିଜୟ ହୋଇଥିଲା ଏବଂ ସେ ଅମୀର୍ ମୁଆୱିୟାର ଶାସନ କାଳରେ ମୃତ୍ୟୁବରଣ କରିଥିଲେ ।

ହଜ଼ରତ୍ ଅବୁ ହୁରୈରାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ହିରା ନାମକ ପର୍ବତ ଉପରେ ଥିଲେ କି ହଠାତ୍ ଉକ୍ତ ପର୍ବତ ଆନ୍ଦୋଳିତ ହେବାକୁ ଲାଗିଲା । ଏହା ଦେଖି ଆଁହଜ଼ରତ୍ ସ.ଅ କହିଲେ ରହିଯା ହେ ହିରା ପର୍ବତ ! କାରଣ ତୋ ଉପରେ ଜଣେ ନବୀ, ସତ୍ୟନିଷ୍ଠ କିମ୍ବା ଶହୀଦ୍‌ଙ୍କ ବ୍ୟତୀତ ଅନ୍ୟ କେହି ଛିଡ଼ା ହୋଇ ନାହିଁ ଏବଂ ସେତେବେଳେ ସେହି ପର୍ବତରେ ନବୀ କରୀମ୍ ସ.ଅ, ହଜ଼ରତ୍ ଅବୁ ବକ୍କର୍ ର.ଅ, ହଜ଼ରତ୍ ଉମର୍ ର.ଅ, ହଜ଼ରତ୍ ଉସ୍‌ମାନ୍ ର.ଅ, ହଜ଼ରତ୍ ଅଲୀ ର.ଅ, ହଜ଼ରତ୍ ତଲ୍‌ହା ର.ଅ, ହଜ଼ରତ୍ ଜ଼ୁବୈର୍ ର.ଅ, ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ପ୍ରଭୃତି ସାହାବାଗଣ ବିରାଜମାନ ଥିଲେ।

ଯୁଦ୍ଧଗୁଡ଼ିକରେ ଆଁହଜ଼ରତ୍ ସ.ଅଙ୍କର ସୁରକ୍ଷା ଏବଂ ପ୍ରତିରକ୍ଷା ଦାୟିତ୍ୱ ଯେଉଁ ସାହାବାମାନଙ୍କ ଉପରେ ନ୍ୟସ୍ତ ଥିଲା ତନ୍ମଧ୍ୟରୁ ଜଣେ ସାହାବି ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍‌କାସ୍ ର.ଅ ମଧ୍ୟ ଥିଲେ । ଏକ ବର୍ଣ୍ଣନାନୁସାରେ ଉଲ୍ଲେଖ ରହିଛି ଯେ, ଆଁହଜ଼ରତ୍ ସ.ଅ ତାଙ୍କ ପାଇଁ ଦୁଆ କରିଥିଲେ ଯେ, ହେ ଅଲ୍ଲାଃ! ଯେତେବେଳେ ସାଆଦ୍ ତୁମ୍ଭ ନିକଟରେ ଦୁଆ (ପ୍ରାର୍ଥନା) କରିବେ ସେତେବେଳେ ତୁମ୍ଭେ ତାଙ୍କର ଦୁଆକୁ ସ୍ୱୀକାର କରିବ । ପୁନଶ୍ଚ ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜ଼ରତ୍ ସ.ଅ ସାଆଦ୍ ବିନ୍ ଅବି ୱକ୍‌କାସ୍ ର.ଅଙ୍କୁ ଏହି ଆଶୀର୍ବାଦ ଦେଇଥିଲେ ଯେ, ହେ ଅଲ୍ଲାଃ ! ତାଙ୍କର ତୀର ଯେପରି ସଠିକ୍ ଲକ୍ଷ୍ୟଭେଦ କରୁ ଏବଂ ତାଙ୍କର ଦୁଆକୁ ଗ୍ରହଣ କରନ୍ତୁ । ଆଁହଜ଼ରତ୍ ସ.ଅଙ୍କ ସାଆଦ୍ ବିନ୍ ଅବି ୱକ୍କାସ୍

ର.ଅଙ୍କ ସପକ୍ଷରେ ଏହି ଦୁଆ ଯୋଗୁଁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଲୋକମାନଙ୍କ ମଧ୍ୟରେ ସ୍ୱୀକୃତି ପ୍ରାପ୍ତ ଦୁଆକାରୀ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ତାଙ୍କର ସମସ୍ତ ଦୁଆ ସ୍ୱୀକୃତ ହେଉଥିଲା ।

ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଯେଉଁଭଳି ଭାବରେ ମଦିନା ପ୍ରବାସ ପରେ ପରେ ଶୀଘ୍ର ରାତ୍ର ପରେ ଆଁହଜ଼ରତ୍ ସ.ଅଙ୍କ ସୁରକ୍ଷା ଦାୟିତ୍ୱରେ ନିଜକୁ ନିୟୋଜିତ କରିଥିଲେ ତାହାର ଏକ ଘଟଣା ସଂପର୍କରେ ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଖନ୍ଦକ୍ ଯୁଦ୍ଧ ଅବସରରେ ଆଁହଜ଼ରତ୍ ସ.ଅ ମଧ୍ୟ ସାହାବାମାନଙ୍କ ସହିତ ପ୍ରହରା ଦେଉଥିଲେ ଏବଂ ଯେତେବେଳେ ଶୀତର ପ୍ରକୋପରୁ ନିସ୍ତେଜ ହୋଇ ପଡୁଥିଲେ ସେତେବେଳେ କିଛି ସମୟ ପାଇଁ ମୋ ପାଖକୁ ଆସି ମୋ ବିଛଣାରେ କମ୍ବଳ ଘୋଡ଼ି ଶୋଇ ପଡୁଥିଲେ ଏବଂ ଶରୀର ଉଷ୍ମ ହେବା କ୍ଷଣି ପୁନଶ୍ଚ ଶିଗାଫ୍ (ଫାଟକ)ର ସୁରକ୍ଷା ପାଇଁ ଚାଲି ଯାଉଥିଲେ । ଏହିପରି ଭାବରେ କିଛିଦିନ ପର୍ଯ୍ୟନ୍ତ ରାତ୍ରରେ ଉଜାଗର ରହିବା ଯୋଗୁଁ ଆଁହଜ଼ରତ୍ ସ.ଅ ସଂପୂର୍ଣ୍ଣ ରୂପେ ଥକି ଯାଇଥିଲେ, ଏପରି ଅବସ୍ଥାରେ ଏକଦା ହୁଜ଼ୁର୍ ସ.ଅ ରାତ୍ରବେଳେ କହିଲେ ଯେ, ଏପରି ହୁଅନ୍ତା କି ବର୍ତ୍ତମାନ ସମୟରେ କେହି ଜଣେ ନୈଷ୍ଠିକ ମୁସଲମାନ ପ୍ରହରା ଦେଇଥାନ୍ତେ ଏବଂ ମୁଁ ଶାନ୍ତିରେ ଟିକେ ଶୋଇ ପଡ଼ନ୍ତି । ଠିକ୍ ଏତିକିବେଳେ ବାହାରୁ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କର ସ୍ୱର ଶୁଭିଲା । ଆଁହଜ଼ରତ୍ ସ.ଅ ପଚାରିଲେ ଯେ, କାହିଁକି ଆସିଲ ? ସେ ଉତ୍ତର ଦେଲେ ଯେ, ଆପଣଙ୍କ ଲାଗି ପ୍ରହରା ଦେବା ପାଇଁ ଆସିଅଛି । ହୁଜ଼ୁର ସ.ଅ କହିଲେ ମୋ ଲାଗି ପ୍ରହରୀର ଦେବାର କୌଣସି ଆବଶ୍ୟକତା ନାହିଁ । ତୁମେ ଅମକ ସ୍ଥାନକୁ ଚାଲିଯାଅ ଯେଉଁଠି ଗର୍ତ୍ତର ମଙ୍ଗ (କୂଳ) ଭାଙ୍ଗି ଯାଇଛି । ଯାଅ ଏବଂ ସେଠାରେ ପ୍ରହରା ଦିଅ । ଯଦ୍ୱାରା ମୁସଲମାନମାନେ ସୁରକ୍ଷିତ ରହିବେ । ସୁତରାଂ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ପ୍ରହରା ଦେବା ପାଇଁ ଚାଲିଗଲେ ଏବଂ ଆଁହଜ଼ରତ୍ ସ.ଅ କିଛି ସମୟ ବିଶ୍ରାମ ନେବା ନିମନ୍ତେ ଶୋଇ ପଡ଼ିଲେ । ହୁଜ଼ୁର ଅନୱର୍ ଅ.ବ କହିଲେ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ସଂପର୍କିତ ଜୀବନୀର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ଖୁତ୍‌ବାର ଶେଷ ପର୍ଯ୍ୟାୟରେ ହୁଜ଼ୁର୍ ଅନ୍‌ୱର୍ ଅ.ବ ସମ୍ମାନନୀୟ ସ୍ୱର୍ଗତ ମାଷ୍ଟର୍ ଅବ୍‌ଦୁସ୍ ସମି ଖାନ୍ ସାହେବ ଓ ସମ୍ମାନନୀୟ ସ୍ୱର୍ଗତ ମୁଜିବୁଲ୍ଲାଃ ସାଦିକ୍ ସାହେବଙ୍କ ପ୍ରଶଂସନୀୟ ଗୁଣାବଳୀର ବର୍ଣ୍ଣନା କରିବା ପରେ ସମ୍ମାନନୀୟ ସ୍ୱର୍ଗତ ନଇମୁଦ୍ଦୀନ୍ ଖାନ୍ ସାହେବଙ୍କର ମଧ୍ୟ ନମାଜ଼୍ ଯନାଜ଼ାଃ ଗାଏବ୍ ପଢେଇବାର ଘୋଷଣା କଲେ ।

.......................................

KHULASA KHUTBA JUMA HUZOOR ANWAR a.b.a
17th July 2020

.........................